ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.109 Bhubaneswar Saturday June 03 2023 | ୨୬ତମ ବର୍ଷ ସଂଖ୍ୟା–୧୦୯ ଭୁବନେଶ୍ୱର, ଶନିବାର, ଜୁନ ୦୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## କରମଣ୍ଡଳ ଏକ୍ସପ୍ରେସ ଓ ଯଶୱନ୍ତପୁର-ହାୱଡ଼ା ଏକ୍ସପ୍ରେସ ଭିତରେ ଧକ୍କା, ୧୭୯ରୁ ଅଧିକ ଆହତ

ବାଲେଶ୍ୱର,୨ ।୬(ପି.ଏନ): ବାଲେଶ୍ୱରରେ ଭୟଙ୍କର ଟ୍ରେନ ଦୁର୍ଘଟଣା । ଶତାଧିକ ଲୋକ ଆହତ ହୋଇଛନ୍ତି । ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୭୦ରୁ ଅଧିକ ରହିଥିବା ସୂଚନା । ଯୁଦ୍ଧକାଳୀନ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏବେ ବି ଅନେକ ଲୋକ ବଗି ତଳେ ଚାପି ହୋଇ ରହିଛନ୍ତି । ସୂଚନା ମୁତାବକ, କରମଣ୍ଡଳ ଏକ୍ସପ୍ରେସକୁ ଧକ୍କା ଦେଲା ଚେନ୍ନାଇ ପଟୁ ଆସୁଥିବା ଦୂରନ୍ତ ଏକ୍ସପ୍ରେସ । କରମଣ୍ଡଳ ଏକ୍ସପ୍ରେସ ହାୱଡ଼ାରୁ ଚେନ୍ନାଇ ଅଭିମୁଖେ ଯାଉଥିଲା । ପୂର୍ବରୁ ବାହାନଗା ଫାଟକ ନିକଟରେ ଏକ ମାଲଗାଡି ଅନ୍ୟ ଏକ ଟ୍ରାକରେ ଠିଆ ହୋଇଥିଲା । ସେହି ସମୟରେ ଚେନ୍ନାଇ ପଟୁ ଦୂରନ୍ତ ଏକ୍ସପ୍ରେସ ଆସୁଥିଲା । ଦୂରନ୍ତ ଏକ୍ସପ୍ରେସର ଇଞ୍ଜିନରୁ ବଗି ଅଲଗା ହୋଇଯାଇଥିଲା । ବଗି ଅଲଗା ହୋଇଯିବା ଫଳରେ ଇଞ୍ଜିନ ଗୋଟିଏ ଟ୍ରାକରେ ଓ ବଗି ଆଉ ଗୋଟିଏ ଟ୍ରାକରେ ଚାଲିଯାଇଥିଲା୍ ।ଫଳରେ ଅପରପଟୁ ଆସୁଥିବା କରମଣ୍ଡଳ ଏକ୍ସପ୍ରେସ ସହ ଦୂରନ୍ତର ବଗି ପିଟି ହୋଇଥିଲା । ଅନ୍ୟ ଟ୍ରାକରେ ଠିଆହୋଇଥିବା ମାଲଗାଡ଼ି ସହ ମଧ ଧକ୍କା ହୋଇଥିଲା । ଏବେ ଟ୍ରେନ ତଳେ



ଫସିଥିବା ଲୋକଙ୍କୁ ଗ୍ୟାସ କଟରରେ କାଟି ଉଦ୍ଧାର କରାଯାଉଛି । ଦୁର୍ଘଟଣାରେ ୩୦୦ରୁ ଅଧିକ ଆହତ ହୋଇଛନ୍ତି । ଗୋପାଳପୁର ଓ ଖନ୍ତାପଡ଼ା ହସ୍ପିଟାଲରେ ମଧ ଆହତ ଭର୍ତ୍ତି ହୋଇଛନ୍ତି । ଚିକତ୍ସା ପାଇଁ ବାଲେଶ୍ୱର, ଏସସିବି ଓ ଭଦ୍ରକ ମେଡିକାଲରେ ସମସ୍ତ ପ୍ରସ୍ତୁତି କରାଯାଇଛି । ବାଲେଶ୍ୱର ପଣପଣା-ବାହାନଗା ଷ୍ଟେସନ ମଝିରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ।ଦକ୍ଷିଣ ପୂର୍ବ ରେଳ ଡିଭିଜନରେ ଘଟିଛି ଏହି ଦୁର୍ଘଟଣା । ଦୁର୍ଘଟଣା ସମୟରେ ୧୧୦ ସ୍ପିଡରେ ଥିଲା କରମଣ୍ଡଳ । ଦୁର୍ଘଟଣାରେ ବାହାନଗା ରେଳ ଫାଟକ ଭାଙ୍ଗିଯାଇଥିବା ସୂଚନା ରହିଛି । ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫ୍ ଟିମ୍ ଏବଂ ରେସକ୍ୟୁ ଟିମ୍ ଲାଗିଥିବା କହିଛନ୍ତି ଜିଲ୍ଲାପାଳ । ଘଟଣା ସ୍ଥଳରେ ଏସପି ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି । ଆହତ ଏବଂ ମୃତାହତଙ୍କ ସମ୍ବନ୍ଧରେ ସୂଚନା ପାଇଁ ପାଇଁ ଏସଆରସିଙ୍କ ପକ୍ଷରୁ ଏମରଜେନ୍ସି ନମ୍ବର ୦୬୭୮୨୨୬୨୨୮୬ ଜାରି କରାଯାଇଛି । ଆହତ ମାନଙ୍କୁ ଉଦ୍ଧାର ପାଇଁ ୩୦ NDRF, 4 ODRAF, ୫୦ ଆମ୍ବୁଲାନ୍ସ ନିୟୋଜିତ ହୋଇଛନ୍ତି ।

## ଟ୍ରେନ୍ ଦୁର୍ଘଟଣାକୁ ନେଇ ଚିନ୍ତାବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ, କହିଲେ ଗୁରୁତରଙ୍କୁ ଉଦ୍ଧାର ସବୁଠୁ ବଡ଼ ପ୍ରାଥମିକତା

ଭୁବନେଶ୍ୱର,୨ ।୬(ପି.ଏନ): ବାଲେଶ୍ୱର ବାହାନଗାରେ ଟ୍ରେନ୍ ଦୁର୍ଘଟଣାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି, ଦୁର୍ଘଟଣା ବିଷୟରେ ଜାଣି ମୁଁ ଚିନ୍ତିତ। ଏହା ବାସ୍ତବରେ ଅତ୍ୟନ୍ତ ମର୍ମନ୍ତୁଦ ଦୁର୍ଘଟଣା। ଘଟଣାସ୍ଥଳକୁ ରାଜସ୍ୱ ମନ୍ତ୍ରୀ ଓ ଏସଆରସି ଗସ୍ତ କରି ସମସ୍ତ କାର୍ଯ୍ୟର ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛି। ସମସ୍ତଙ୍କୁ ଉତ୍ତମ ଚିକିତ୍ସା ସୁନିଶ୍ଚିତ କରାଯିବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି । ଏହା ପୂର୍ବରୁ ସେ ରାଜୀବ ଭବନରେ ସ୍ଥିତି ଅନୁଧାନ କଲେ ମୁଖ୍ୟମନ୍ତ୍ରୀ




।ଅଧିକାରୀଙ୍କ ସହ ଦୁର୍ଘଟଣା ନେଇ ଆଲୋଚନା କରିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଟ୍ରେନ ଦୁର୍ଘଟଣା ନେଇ ସ୍ଥିତି ଅନୁଧାନ କରିଛି । ଗୁରୁତରଙ୍କୁ ଉଦ୍ଧାର ସବୁଠୁ ବଡ଼ ପ୍ରାଥମିକତା । ଆସନ୍ତାକାଲି ସକାଳୁ ଦୁର୍ଘଟଣାସ୍ଥଳକୁ ଯାଇ ସମ୍ପୂର୍ଣ୍ଣ ସ୍ଥିତି ଅନୁଧାନ କରିବି । ଏସଆରସି ଅଫିସରେ ବସିଥିବା ଏହି ବୈଠକରେ ଡେଭେଲପମେଣ୍ଟ କମିଶନର ଅନୁ ଗର୍ଗ, ୫ଟି ସଚିବ ଭିକେ ପାଣ୍ଡିଆନ, ସୂଚନା ଏବଂ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ, ପରିବହନ ସଚିବ ଉଷା ପାଢୀ ଉପସ୍ଥିତ ଥିଲେ ।

## ମଣିପୁର ହିଂସା: ଏଯାଏଁ ଗଲାଣି ୯୮ ଜୀବନ, ୩୦୦ ଆହତ; ଫେରୁଛି ଶାନ୍ତି

ନୂଆଦିଲ୍ଲୀ,୨ ।୬(ପି.ଏନ): ମଣିପୁରରେ ଦେଖାଦେଇଥିବା ଦୁଇଗୋଷ୍ଠୀ ମଧ ସଂଘର୍ଷରେ ଏ ପର୍ଯ୍ୟନ୍ତ ପ୍ରାୟ ୯୮ ଲୋକଙ୍କ ଜୀବନ ଗଲାଣି, ଯେତେବେଳେ କି ୩୦୦ ଆହତ ହୋଇଛନ୍ତି। ୧୦ ଜିଲ୍ଲାର ଏକ ଆଦିବାସୀ ଗୋଷ୍ଠୀ ମେ ୩ ତାରିଖରେ ଅଣଆଦିବାସୀ ଗୋଷ୍ଠୀଙ୍କୁ ବିରୋଧ କରି ଅନୁସୂଚିତ ଜାତି ଷ୍ଟାଟର୍ସ ଦେବା ପାଇଁ ଦାବି କରିବା ପରେ ଗତମାସରୁ ଏହି ସଂଘର୍ଷ ଲାଗି ରହିଛି। ସେପଟେ ପୁଲିସ ହେପାଜତରୁ ୨ ହଜାରରୁ ଅସ୍ତ୍ରଶସ୍ତ୍ର ହିଂସାକାରୀ ଲୁଟି ନେଇଥିବା



ବେଳେ ଏପର୍ଯ୍ୟନ୍ତ ୧୪୦ ଅସ୍ତ୍ରଶସ୍ତ୍ର ପୁଲିସ ନିକଟରେ ସମର୍ପଣ କରିଛନ୍ତି। ଯାହା ଭିତରେ ଏକେ-୪୭, ଷ୍ଟେନ୍ ଗନ୍, ପିସ୍ତଲ, ଟିଅରଗ୍ୟାସ୍ ଲଞ୍ଚର, ଇନସାସ୍ ରାଇଫେଲ, ଗ୍ରେନେଡ୍ ଲଞ୍ଚର ରହିଛି।

## ଜୁଲାଇରେ ଇସ୍ରୋ ଲଞ୍ଚ କରିବ ଚନ୍ଦ୍ରଯାନ-୩

ନୂଆଦିଲ୍ଲୀ,୨ ।୬(ପି.ଏନ): ଜୁଲାଇରେ ଇସ୍ରୋ ଲଞ୍ଚ କରିବ ଚନ୍ଦ୍ରଯାନ-୩ । ଯଦି ଏହି ମିଶନ ସଫଳ ହୁଏ ତେବେ ଚନ୍ଦ୍ର ଛୁଇଁବାରେ ଭାରତ ବିଶ୍ୱରେ ଚତୁର୍ଥ ଦେଶ ପାଲଟିବ । ମିଶନ ଚନ୍ଦ୍ରଯାନ ନେଇ ଇସ୍ରୋର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ୨୦୧୯ରେ ଚନ୍ଦ୍ରଯାନ-୨ ମିଶନ ସଫଳ ହୋଇ ପାରିନଥିଲା । ସଫଳ ହେଲା ମଧମ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ ଅଗ୍ନି-୧ର ଟ୍ରେନିଂ ଲଞ୍ଚ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ହୋଇଥିଲା ପରୀକ୍ଷଣ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ବେଳେ ବିକ୍ରମ ଲ୍ୟାଣ୍ଡର ଦୁର୍ଘଟଣାଗ୍ରସ୍ତହୋଇ ଯାଇଥିଲା । ଏବେ ପୁଣି ଥରେ ମିଶନ ଚନ୍ଦ୍ରଯାନ-୩ ଆରମ୍ଭ ହେବ । ସେପଟେ ରୁଷର ମୁନ୍ ଲ୍ୟାଣ୍ଡର ମିଶନ ସ୍ଥଗିତ ହୋଇ ଯାଇଥିବାରୁ ଚନ୍ଦ୍ରରେ ଅବତରଣ କରିବା ଲାଗି ଭାରତ ଲାଗି ପ୍ରଥମେ ସୁଯୋଗ ସୃଷ୍ଟି ହୋଇଛି । ଚନ୍ଦ୍ରଯାନ-୨ର ତ୍ରୁଟିରୁ ଆମେ ଶିଖିଛୁ ବୋଲି କହିଛନ୍ତି ଇସ୍ରୋ ମୁଖ୍ୟ ଏସ୍.ସୋମନାଥ ।

## ଚଳିତ ଆର୍ଥିକ ବର୍ଷରୁ ମହିଳାଙ୍କୁ ମିଳିବ ମୁଣ୍ଡପିଛା ୨ ହଜାର ଟଙ୍କା, ବସ୍ ଯାତ୍ରା ମାଗଣା

ଭୁବନେଶ୍ୱର,୨ ।୬(ପି.ଏନ): ଲୋକେ ମତଦାନ କରି କ୍ଷମତାରେ ବସାଇଥିବାରୁ ସମସ୍ତ ୫ ପ୍ରତିଶ୍ରୁତିକୁ ଚଳିତ ଆର୍ଥିକ ବର୍ଷ ହିଁ ପୂରଣ କରିବ କର୍ଣ୍ଣାଟକାରେ କ୍ଷମତାସୀନ କଂଗ୍ରେସ ସରକାର। ଏ ବାବଦରେ କଂଗ୍ରେସ ପକ୍ଷରୁ ସବୁକିଛି ସ୍ପଷ୍ଟ କରାଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା କହିଛନ୍ତି, ଲୋକଙ୍କୁ କଂଗ୍ରେସ ଦେଇଥିବା ଗ୍ୟାରେଣ୍ଟି ପୂରଣ କରିବା ନିମନ୍ତେ ଆଜି କ୍ୟାବିନେଟ ବୈଠକ ବସିଥିଲା। ଯେଉଁଥିରେ ସମସ୍ତ ୫ ପ୍ରତିଶ୍ରୁତି ପୂରଣ ନିମନ୍ତେ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ମୁତାବକ, ମାଗଣା ବିଜୁଳି ସ୍କିମ୍(ଗୃହ ଜ୍ୟୋତି) ଯୋଜନାରେ ପ୍ରତ୍ୟକ ଉପଭୋକ୍ତାଙ୍କୁ ପ୍ରତ୍ୟେକ ମାସରେ ୨୦୦ ୟୁନିଟ୍? ବିଜୁଳି ବ୍ୟବହାର ନିମନ୍ତେ କୌଣସି ଦେୟ ଦେବାକୁ ପଡିବନି। ଏହା ଆସନ୍ତା ମାସ ପହିଲାରୁ



ଲାଗୁ ହେବ। ଗୃହଲକ୍ଷ୍ମୀ ସ୍କିମ୍‌ରେ ପ୍ରତି ମହିଳାମାନଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏଁ ସହାୟତା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦିଆଯିବ। ଏଥିନିମନ୍ତେ ବ୍ୟାଙ୍କ ଆକାଉଣ୍ଟ ଓ ଆଧାରକାର୍ଡ ଯୋଡିବା ଆବଶ୍ୟକ। ଜୁନ୍ ୧୫ରୁ ଜୁଲାଇ ୧୫ ଭିତରେ ଆକାଉଣ୍ଟ ଯାଞ୍ଚ କରାଯିବ ଓ ଅନ୍ୟାନ୍ୟ ସମସ୍ତ କାମ ଅଗଷ୍ଟ ୧୫ ସୁଦ୍ଧା ସରିବ। ଏହି ସ୍କିମ୍ ବିପିଏଲ୍ ଓ ଅନ୍ତ୍ୟୋଦୟ କାର୍ଡ ଧାରୀଙ୍କୁ ମିଳିବ। ଯଦି କୌଣସି ମହିଳା ସାମାଜିକ ସୁରକ୍ଷା ଭତ୍ତା ପାଉଛନ୍ତି ତେବେ ବି ୨ ହଜାର ଟଙ୍କା ପାଇବେ। ଯିଦି ସେ ପରିବାର ମୁଖ୍ୟ ହୋଇଥିବେ, ତେବେ ସେ ୨ ହଜାର ଟଙ୍କାର ସହାୟତା ପାଇବେ।

## ସ୍କୁଲ ପିଲାଙ୍କ ପାଇଁ ଆସିଲା ପୋଷାକ ଗାଇଡଲାଇନ୍ : ପ୍ରଥମରୁ ପଞ୍ଚମ ଛାତ୍ରୀଙ୍କ ପାଇଁ ନୀଳ ଫ୍ରକ୍

ଭୁବନେଶ୍ୱର,୨ ।୬(ପି.ଏନ): ଚଳିତ ଶିକ୍ଷାବର୍ଷରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ଗାଇଡଲାଇନ ଜାରି କରାଯାଇଛି । ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରାଯିବ । ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଜଣପିଛା ୫୦୦ଶହ ଟଙ୍କା ମୂଲ୍ୟରେ ୨ ହଳ ବିଦ୍ୟାଳୟ ପୋଷାକ ଏବଂ ୨୦୦ଶହ ଟଙ୍କା ମୂଲ୍ୟରେ ୧ ହଳ ଜୋତା ଓ ୨ ହଳ ମୋଜା ପ୍ରଦାନ କରାଯିବ । ସେହିପରି ୧୨୫ଟଙ୍କା ମୂଲ୍ୟରେ ଗୋଟିଏ ଟି-ସାର୍ଟ ଓ ୧୨୫ ଟଙ୍କା ମୂଲ୍ୟରେ ଗୋଟିଏ ଟ୍ରାକ ପ୍ୟାଣ୍ଟ ଏବଂ ୩୦ ଟଙ୍କା ମୂଲ୍ୟରେ ଗୋଟିଏ ଟୋପି ଓ ୨୦ ଟଙ୍କା ମୂଲ୍ୟରେ ଗୋଟିଏ ପରିଚୟ ପତ୍ର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯିବ । ସମୁଦାୟ ୧୦୦୦ ଟଙ୍କା ମଧ୍ୟରୁ ୬୦୦ଟଙ୍କା "ସମଗ୍ର ଶିକ୍ଷା" ଯୋଜନାରୁ ଭରଣା କରାଯିବ ବୋଲି ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ନୀଳ ପ୍ୟାଣ୍ଟ ଓ ଧଳା ସାର୍ଟ ଲାଗୁ କରାଯାଇଛି । ପ୍ରଥମରୁ ପଞ୍ଚମ ଛାତ୍ରୀମାନଙ୍କୁ ନୀଳ ଫ୍ରକ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀମାନଙ୍କୁ ନୀଳ କମିଜ ଓ ଧଳା ସାଲୱାର ଦିଆଯିବ ବୋଲି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ୧୯ଟି ବ୍ୟାଙ୍କକୁ ୬ ହଜାର ୫୨୪ କୋଟିର ଚୂନ ଲଗାଇଛି ଆଇଏଲ୍ ଆଣ୍ଡ ଏଫ୍ଏସ୍ ଟ୍ରାନ୍ସପୋଟେସନ୍ ନେଟ୍‌ୱାର୍କ ଲିମିଟେଡ୍

ଭୁବନେଶ୍ୱର,୨ ।୬(ପି.ଏନ): ଆଇଏଲ୍ ଆଣ୍ଡ ଏଫ୍ଏସ୍ ଟ୍ରାନ୍ସପୋଟେସନ୍ ନେଟ୍‌ୱାର୍କ ଲିମିଟେଡ୍ ଏବଂ ଏହାର ନିର୍ଦ୍ଦେଶକମାନେ ପ୍ରାୟ ୧୯ଟି ବ୍ୟାଙ୍କକୁ ୬ ହଜାର ୫୨୪ କୋଟି ଠକିଥିବା ନେଇ ସିବିଆଇ ମାମଲା ରୁଜୁକରିତଦନ୍ତ ଆରମ୍ଭ କରିଛି। ୨୦୧୬ରୁ ୨୦୧୮ ମଧ୍ୟରେ ଆଇଏଲ୍ ଆଣ୍ଡ ଏଫ୍ଏସ୍ ଟ୍ରାନ୍ସପୋଟେସନ୍ ନେଟ୍‌ୱାର୍କ ଲିମିଟେଡ୍ ଏବଂ ଏହାର ନିର୍ଦ୍ଦେଶକମାନେ ଠକିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ, ୟସ୍ ବ୍ୟାଙ୍କ ପ୍ରଭୃତି ଏହି ଠକାମୀର ଶିକାର ହୋଇଛି।

## ଦାସତ୍ୱ ମାନସିକତାର ଅନ୍ତ ଘଟାଇଥିଲେ ଶିବାଜୀ : ମୋଦି

ନୂଆଦିଲ୍ଲୀ,୨ ।୬(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଛତ୍ରପତି ଶିବାଜୀ ମହାରାଜଙ୍କ ରାଜତିଳକର ୩୫୦ ବର୍ଷ ପୂର୍ତ୍ତି ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜ ଦାସତ୍ୱର ମାନସିକତାକୁ ଶେଷ କରିଥିଲେ। ଶିବାଜୀ ମହାରାଜ ସର୍ବଦା ଦେଶର ଏକତା ଓ ଅଖଣ୍ଡତାକୁ ସର୍ବୋପରି ରଖିଛନ୍ତି। ଆଜି 'ଗୋଟିଏ ଭାରତ ଶ୍ରେଷ୍ଠ ଭାରତ' ଭିଜନରେ ଶିବାଜୀ ମହାରାଜଙ୍କ ବିଚାରର ହିଁ ପ୍ରତିବିମ୍ବ ଭାବେ ଦେଖାଯାଉଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜଙ୍କ ରାଜ୍ୟାଭିଷେକ ଦିବସ ନୂଆ ଚେତନା, ନୂତନ ଶକ୍ତି ଆଣିଛି। ଛତ୍ରପତି ଶିବାଜୀ ମହାରାଜଙ୍କ ରାଜ୍ୟାଭିଷେକ ସେହି ସମୟର ଏକ ଚମତ୍କାର ଏବଂ ବିଶେଷ ଅଧ୍ୟାୟ । ଜାତୀୟ କଲ୍ୟାଣ ଏବଂ ଜନ କଲ୍ୟାଣ ତାଙ୍କ ଶାସନର ମୌଳିକ ଉପାଦାନ ।

## ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା: ମୃତକଙ୍କ ପରିବାରକୁ ମିଳିବ ୧୦ ଲକ୍ଷ, ଗୁରୁତରଙ୍କୁ ୨ ଲକ୍ଷ

ବାଲେଶ୍ୱର,୨ ।୬(ପି.ଏନ): ବାଲେଶ୍ୱରର ବାହାନଗା ଷ୍ଟେସନ ନିକଟରେ ଭୟାବହ ଟ୍ରେନ ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ୫୦୦ରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରସ୍ଥିତ ଏସଆରସି ଅଫିସରେ ସ୍ଥିତିର ସମୀକ୍ଷା କରିବା ପରେ ଆସନ୍ତାକାଲି ଦୁର୍ଘଟଣାସ୍ଥଳକୁ ଯିବେ ବୋଲି ସୂଚନା ଦେଇଥିବାବେଳେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଇଛନ୍ତି ।ସେପଟେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୋଆରୁ ଦୁର୍ଘଟଣାସ୍ଥଳୀ ଅଭିମୁଖେ ଆସୁଥିବା ଜଣାପଡିଛି । କେନ୍ଦ୍ର ରେଳମନ୍ତ୍ରୀ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୧୦ଲକ୍ଷ ଟଙ୍କାର



ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିବାବେଳେ ଗୁରୁତରଙ୍କୁ ୨ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କୁ ୫୦ହଜାର ଟଙ୍କା ସହାୟତା ମିଳିବ ବୋଲି ସୂଚନା ଦେଇଛନ୍ତି । ଏହି ଦୁର୍ଘଟଣା ଯୋଗୁ ଉକ୍ତ ମାର୍ଗରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି ଓ ଅଧିକାଂଶ ଟ୍ରେନ ଚଳାଚଳକୁ ବାତିଲ କରାଯାଇଛି ।

## ଏସଏଚଜି ମହିଳାଙ୍କୁ ଋଣ ପ୍ରଦାନ ବେଳେ ମାର୍ଜିନ ମନି ଛାଡ଼ କରାଯାଉ

ଭୁବନେଶ୍ୱର,୨ ।୬(ପି.ଏନ): ମିଶନ ଶକ୍ତି ସ୍କୁଟର ଯୋଜନା ଅଧୀନରେ ଏସଏଚଜି ମହିଳାଙ୍କୁ ଋଣ ପ୍ରଦାନ ବେଳେ ମାର୍ଜିନ ମନି ଛାଡ଼ କରାଯାଉ। ଏସଏଲବିସିର ୧୭୧ତମ ବୈଠକ ଅବସରରେ ବ୍ୟାଙ୍କ ଗୁଡ଼ିକୁ ଏଭଳି ଅନୁରୋଧ କରିଛନ୍ତି ମିଶନ ଶକ୍ତି ସଚିବ । ସଚିବ କହିଛନ୍ତି, ସ୍କୁଟର ଋଣ ବେଳେ ବ୍ୟାଙ୍କଗୁଡ଼ିକ ମାର୍ଜିନ ମନି ବା ଡାଉନପେମେଣ୍ଟ ଅର୍ଥ ଗ୍ରାହକଙ୍କୁ ଦେବାକୁ କହୁଛନ୍ତି । ଏହାଦ୍ୱାରା ବହୁ ମହିଳା ସ୍କୁଟର ନେବା ଲାଗି ଅସମର୍ଥ ହେଉଛନ୍ତି । ତେଣୁ ଏହି ମାର୍ଜିନ ମନି ଛାଡ଼ କରିବାକୁ ସେ ବ୍ୟାଙ୍କ ଗୁଡ଼ିକୁ ଅନୁରୋଧ କରିଛନ୍ତି । ରାଜ୍ୟରେ ବିଗତ ୮ ବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ରାଶିର ପରିମାଣ ୧୯ ଗୁଣ ବୃଦ୍ଧି ପାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଦିଆଯାଉଥିବା ବ୍ୟାଙ୍କ ଋଣ ରାଶି ବୃଦ୍ଧିପାଇ ୧୧୦୦୦ କୋଟି ଟଙ୍କାରେ ପହଞ୍ଚିପାରିଛି । ଏ ବର୍ଷ ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ଏସଏଚ୍‌ଜିମାନଙ୍କୁ ୧୫,୦୦୦ କୋଟି ଟଙ୍କାର ଋଣ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତୃଣମୂଳ ସ୍ତରରେ ଏ ସମସ୍ତ ବିଷୟରେ ପ୍ରଶିକ୍ଷଣ ଓ ସଚେତନ କରାଇବାରେ ବ୍ଲକ ଓ ଜିଲ୍ଲାସ୍ତରୀୟ ଏହି ବିଶେଷଜ୍ଞ ଗୋଷ୍ଠୀ ଯଥେଷ୍ଟ ସହାୟକ ହେବେ ବୋଲି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା । ଏହାଛଡ଼ା ପଞ୍ଚାୟତ ସ୍ତରରେ ଥିବା ଏସଏଚଜି ଫେଡରେସନ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ କ୍ଷେତ୍ରରେ କ୍ୟାଶ ହ୍ୟାଣ୍ଡଲିଂ ଚାର୍ଜ ଛାଡ଼ ଲାଗି ମଧ ବ୍ୟାଙ୍କ ଗୁଡ଼ିକୁ ଅନୁରୋଧ କରିଛନ୍ତି ମିଶନ ଶକ୍ତି ସଚିବ ସୁଜାତା ଆର୍ କାର୍ତ୍ତିକେୟନ । ସେ କହିଥିଲେ, ଏସ୍ଏଚ୍‌ଜିମାନେ ହେଉଛନ୍ତି ସ୍ୱତଃପ୍ରବୃତ୍ତ ଲିଡର । ସେମାନଙ୍କ ମଧ୍ୟରେ ଅସାଧାରଣ ଦକ୍ଷତା, ସାମର୍ଥ୍ୟ ଏବଂ ଶକ୍ତି ରହିଛି । ଆମ ରାଜ୍ୟରେ ଏସ୍ଏଚ୍‌ଜି ଆନ୍ଦୋଳନ ସଫଳ ହୋଇଛି ସେଇମାନଙ୍କ ନେତୃତ୍ୱ ପାଇଁ । ଏହି ଲିଡରମାନେ ପ୍ରଶିକ୍ଷିତ ହେଲେ ସେମାନେ ତାଙ୍କ ଅଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳା ସଶକ୍ତିକରଣର ପ୍ରମୁଖ ସୂତ୍ରଧର ସାଜିବେ । ମଇ ୩୧ ଓ ଜୁନ୍ ୧ ତାରିଖ ଦୁଇଦିନଧରି ସଚିବାଳୟ ଲୋକସେବା ଭବନ, କନ୍‌ଭେନସନ ହଲରେ ମିଶନ ଶକ୍ତି ବିଭାଗ ଦ୍ୱାରା ବ୍ୟାଙ୍କ୍ ଋଣ ଏବଂ ସୁଧ ଫେରସ୍ତ ସମ୍ପର୍କିତ ବ୍ଲକ୍ ପ୍ରଶିକ୍ଷକଙ୍କ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହାକୁ ଉଦଘାଟନ କରିଥିଲେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ । ଏହି ଅବସରରେ ସେ କହିଥିଲେ, ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଓଡିଶାର ମହିଳାମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ମିଶନ ଶକ୍ତି ମା'ମାନେ ରାଜ୍ୟ ପାଇଁ ହୋଇପାରିଛନ୍ତି ଏକ ବିରାଟ ସାମାଜିକ ପୁଞ୍ଜି । ଏସ୍ଏଚ୍‌ଜିରୁ ଉଦ୍ୟୋଗୀ ସୃଷ୍ଟି କରି ଆମ ରାଜ୍ୟର ମହିଳାମାନଙ୍କୁ ରାଜ୍ୟ ଅର୍ଥନୀତିର ପ୍ରମୁଖ ଅଂଶୀଦାର କରିବା ଆମର ଲକ୍ଷ୍ୟ ।

## ସିଟ୍ ଛାଡି ଅମଲାମାନଙ୍କ ଗଣଧାରଣା, ଠପ୍ ହୋଇଗଲା ସବୁ କାର୍ଯ୍ୟାଳୟ

ଭଦ୍ରକ, ୨ ।୬(ପି.ଏନ): ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜି ଗୁରୁବାର ଗ୍ରେଡ୍ ପେ ୪୨୦୦ କୁ ବୃଦ୍ଧି ଦାବି କରି ଜିଲାସ୍ତରୀୟ କାର୍ଯ୍ୟରତ ଅମଲାମାନେ ଛୁଟି ନେଇ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ସମୂହ ଧାରଣା ଦେଇଛନ୍ତି। ଫଳରେ ଆଜି ପ୍ରଶାସନରେ ଅଚଳା ଅବସ୍ଥା ସୃଷ୍ଟି ହୋଇଛି। ଏହି ଆନ୍ଦୋଳନରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ, ବ୍ଲକ୍, ଟ୍ରେଜେରୀ, ସବ୍‌ରେଜେଷ୍ଟ୍ରି,ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ ଆଦି ବିଭାଗର ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଅମଲାମାନେ ଛୁଟିନେଇ ଆଜି ଗଣଧାରଣାରେ ସାମିଲ ହୋଇଛନ୍ତି। ଏହାଫଳରେ ଏହିସବୁ ବିଭାଗକୁ କାର୍ଯ୍ୟ ପାଇଁ ଆସିଥିବା ଜନସାଧାରଣ ନିରାଶ ହୋଇ ଫେରିବାକୁ ପଡିଛି। ଅନୁଷ୍ଠିତ ଗଣଧାରଣାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମିଳିତ ଅମଲା ମଂଚ, ଭଦ୍ରକ ଶାଖାର ସଭାପତି ଉଦୟ ନାରାୟଣ ପଣ୍ଡା, ଆବାହକ ହେମନ୍ତ କୁମାର ପ୍ରଧାନ, ଓଡ଼ିଶା ରାଜ୍ୟ ନିବନ୍ଧନ ଅମଲା ସଂଘର ରାଜ୍ୟ ସଭାପତି ବିଭୂତ ବାରିକ, ଓଡ଼ିଶା ଅମଲା ସଂଘ ଭଦ୍ରକ ସଭାପତି ଲଲାଟେନ୍ଦୁ ବେହେରା, ରାଜସ୍ୱ ଅମଲା ସଂଘ ସଭାପତି ରବିନ୍ଦ୍ରନାଥ ଦ , ନିବନ୍ଧନ ଅମଲା ସଂଘର ଅନ୍ୟତମ ପ୍ରମୁଖ ଅଜିତ୍ କୁମାର ଦାସ, କୋଷାଗାର ଅମଲା ସଂଘର ସଭାପତି ଶ୍ରୀରାମ ମହାନ୍ତି, ଓଡ଼ିଶା ଅମଲା ସଂଘ ସଂପାଦକ ଶରତ କୁମାର ମଲ୍ଲିକ, ରାଜସ୍ୱ ଅମଲା ସଂଘ ଭଦ୍ରକ ସଂପାଦକ ତପନ କୁମାର ସ୍ୱାଇଁ, ନିବନ୍ଧନ ଅମଲା ସଂଘ ଭଦ୍ରକ ସଂପାଦକ ଲଲାଟେନ୍ଦୁ କେଶରୀ ସାମଲ ପ୍ରମୁଖ ଅମଲାମାନଙ୍କ ନ୍ୟାର୍ଯ୍ୟ ଦାବି ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଲେବୁଲ-୯୩୦୦+ଗ୍ରେଡ୍ ପେ ୪୨୦୦ ପ୍ରଦାନ ପାଇଁ ଅମଲାମାନେ ସରକାରଙ୍କ ନିକଟରେ ଦାବି ରଖିଛନ୍ତି। ସରକାର ଦାବି ପୂରଣ ନକରିବା ଯାଏ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ମିଳିତ ଅମଲା ମଂଚ ପକ୍ଷରୁ ମତ ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ ଯଦି ଏହି ଆନ୍ଦୋଳନ ଜାରି ରହେ, ତେବେ ନିର୍ବାଚନ, ଛାତ୍ରଛାତ୍ରୀମାନଙ୍କ ନାମଲେଖା, ଜମି ଅଧିଗ୍ରହଣ ଓ ପଂଜିକରଣ, ନାମଜାରୀ କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହେବା ସହ ରାଜସ୍ୱ ହାନିର ଆଶଙ୍କା ରହିଛି। ସେହିପରି ବ୍ଲକ୍‌ରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ଘଟିବା ସହ କୃଷି ବିଭାଗର କାର୍ଯ୍ୟ, ସେବାକର, ମେଡିକାଲ ଓ ଶିକ୍ଷା ବିଭାଗରେ କୌଣସି କାର୍ଯ୍ୟ ହୋଇପାରିବ ନାହିଁ। ଏହି ଆନ୍ଦୋଳନ ଦ୍ୱାରା ଜନସାଧାରଣ ପ୍ରଭାବିତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

**CSB Bank** | **PUBLIC NOTICE ON AUCTION OF PLEDGED GOLD ORNAMENTS**

The borrower/s in specific and interested bidders, in general, are hereby informed that on account of non-repayment of the Bank's dues by the borrowers as under despite the payment notice and recall/auction notice issued by the Bank, the gold ornaments pledged with the bank as security by the respective borrowers for the loans availed by them will be sold in public auction on "as is where is" and "non-recourse" basis through e-auction portal https://csbgold.auctiontiger.net on 9th June 2023 at 12 noon. The auction may be adjourned to any other later date at the discretion of the Bank upon publication of the same in the Bank's notice board. The borrowers are hereby further informed that the gold ornaments will be disposed of by private sale if the public auction is not successful and if there is a further balance to be recovered thereafter, legal action will be initiated against the borrower/s for recovery of the balance amounts due to the bank.

| S.No. | Branch Name | Account Name | Client ID | No. of Acc. | Bal. Outstanding as on 01-06-2023 | Weight (grams) |
|---|---|---|---|---|---|---|
| 1 | BHUBANESWAR | NARENDRA MUDULI | 4065569 | 1 | 429379.12 | 101 |

For more details/account wise information borrowers/interested bidders may contact respective branch.
Authorised Officer
CSB Bank

Baleshwar | 3 June 2023








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ



**ମେଷ**
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।



**ବୃଷ**
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।



**ମିଥୁନ**
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।



**କର୍କଟ**
ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।



**ସିଂହ**
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।



**କନ୍ୟା**
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।



**ତୁଳା**
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।



**ବିଛା**
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।



**ଧନୁ**
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।



**ମକର**
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।



**କୁମ୍ଭ**
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।



**ମୀନ**
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରିରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

### କାର୍ଯ୍ୟାଦେଶ ବାତିଲ ଓ ନୂତନ ଠିକାଦାର ନିଯୁକ୍ତି ଦାବି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ଅଧିନସ୍ଥ ନିର୍ମାଣାଧିନ ଗରାପୁର- ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି। ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି। ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ- ୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଟ୍ଟକଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ ଅଭିଯୋଗ ହୋଇଛି। ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରାଯାଇ ନୂତନ ଠିକାଦାରଙ୍କୁ ନିୟୋଜିତ କରାଯିବାକୁ ୫ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା, ଉତ୍ତମ ସ୍ୱାଇଁ, ଅଞ୍ଜନ କୁମାର ମହାପାତ୍ର, ନିରଞ୍ଜନ ପରିଡା,ରଶ୍ମିରଞ୍ଜନ ଚୌଧୁରୀ, ଦିପ୍ତିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ଲେଙ୍କା, ମହେନ୍ଦ୍ର ପରିଡା, ସୁନାକର ରାଉତ, ଉମାକାନ୍ତ ପରିଡା, ଲଲାଟେନ୍ଦୁ ଖଟୁଆ, ସୁଶାନ୍ତ କୁମାର ଦାସ, ବିଜୟ ପ୍ରଧାନ, ପ୍ରଭାକର ଲେଙ୍କା, ମୁରଲୀଧର ରାଉତ ପ୍ରମୁଖ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।









## ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି। ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ। ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ମଧ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି। ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

# ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି



ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍ନେଶ ମେଓ୍ୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍ନେଶ ମେଓ୍ୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି । ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି । ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜନା ସୃଷ୍ଟି କରିଛି । ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ ଦଳିତ ଆଦିବାସୀ ବସବାସ କରନ୍ତି । ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ମାଟିର ସଂାନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି । ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ । ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ । ଏ ସଂପର୍କରେ ତା.୨୯.୧୨.୨୦୨୧ରିଖରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି । ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି । ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ । ଭାରତୀୟ ସମ୍ବାଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି । ଏକ ସ୍ୱର୍ଶକାତରତା ଘଟଣା ବିଷୟରେ ଏ ପର୍ଯ୍ୟଂ ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହାଁନ୍ତି । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛନ୍ତି । ଏ ପର୍ଯ୍ୟଂ କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହାଁନ୍ତି । ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ୱର୍ଶକାତରତା ଘଟଣା ଏବଂ ଅସାମ୍ବିଧାନିକ ହୋଇଥିଲେ ମଧ ସରକାର ସେଥିପ୍ରତି ଧ୍ୟାନ ଦେଉନାହାଁନ୍ତି । ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ । ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ବିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ । ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ଏଣୁ ସାମ୍ବିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ । ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ବିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି । ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧକ୍ଷତା କରିଥିବା ବେଳେ ବିଧାୟକ ସଂନ୍ତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ସାମଲ (୯୪)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ରାଜରାଣୀ, ପୁଅ ନବକିଶୋର, ସୁରେଶ, ବୋହୂ, ବନ୍ଧୁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ମରଶରୀର ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ୱର୍ଗତଃ ସାମଲ ଚାକିରୀରୁ ଅବସର ଗ୍ରହଣ କରିବା



ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିବା ବେଳେ ଗାଁ କମିଟିର ସଭାପତି ଥିଲେ । ଖବର ପାଇ ଜିଲ୍ଲା ପରିଷଦ ସଭ୍ୟ ନିରଂଜନ ରାଉତ, ବିଜେଡି ଯୁବନେତା ଶଶୀକାନ୍ତ ସାମଲ, ପୂର୍ବତନ ସରପଞ୍ଚ ଆଶୋକ ଦାସ, ଡ. ବିକ୍ରମ ସାମଲ, ଶିକ୍ଷାବିତ୍ ଧନେଶ୍ୱର ସାମଲ, ଚନ୍ଦନ ନାୟକ, ପ୍ରଭାକର ଜେନା, ପ୍ରଶାନ୍ତ ସାମଲ, ଧୂର୍ବାନନ୍ଦ ବଳ, ମାନସ ସାମଲ, ଭାଗ୍ୟଧର ଜେନା, ଦିବ୍ୟରନ ସାମଲ, ନାରାୟଣ ସାମଲ, କେଶବ ସାମଲ, ଚିନ୍ମୟ ସାମଲ ପ୍ରମୁଖ ବହୁ ବ୍ୟକ୍ତି ଶେଷଦର୍ଶନ କରିଥିଲେ । ଧର୍ମଶାଳା ବିଧାୟକ ପ୍ରଣବକୁମାର ବଳବନ୍ତରାୟ ସ୍ୱର୍ଗତଃ ସାମଲଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି । ପରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ବଡପୁଅ ନବକିଶୋର ମୁଖାଗ୍ନି ଦେଇଥିଲେ ।

## ବିଧାୟକଙ୍କଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-ନିଆଳି ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦକୁମାର ମଲିକଙ୍କଦ୍ୱାରା ନବନିର୍ମିତ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବାରଙ୍ଗ ବ୍ଲକ ଅଧକ୍ଷ ସରୋଜକୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ଜିଲାପରିଷଦ ସଭ୍ୟା ପୁଷ୍ପଲତା ପାତ୍ର, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଭାଷଚନ୍ଦ୍ର ଗୋଛାୟତ, ଫାର୍ମାସିଷ୍ଟ ଭରତଚନ୍ଦ୍ର ମଲିକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସନାତନ ବେହେରା, ଡାକ୍ତର ରେଖା ଭଗତ ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା କେନାଲ ପୋଲଟି ଅତି ବିପଦସଂକୁଳ ଅବସ୍ଥାରେ ଥିବାରୁ ଏହାର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକଙ୍କ ନିକଟରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଭ୍ୟ ଘନଶ୍ୟାମ ପାତ୍ର, ଲଳିତକୁମାର ଦାଶ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଗଗନବିହାରୀ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ବ୍ୟସ୍ତବହୁଳ ସ୍ୱାସ୍ଥ୍ୟକେନ୍ଦ୍ରଟି ୬୦ ବର୍ଷର ପୁରୁଣା ଘରେ ନାନା ସମସ୍ୟା ମଧ୍ୟ ଦେଇ ଚାଲିଥିଲା ଏବଂ ଜନସାଧାରଣ ବହୁବାର ଦାବି ଓ ଆନ୍ଦୋଳନ କରିବା ପରେ ୫୬ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ବିଲଡ଼ିଙ୍ଗ ନିର୍ମାଣ ହୋଇଛି।

## ଜବତ ବିସ୍ଫୋରକ ସାମଗ୍ରୀକୁ ନଷ୍ଟ କଲା ପୁଲିସ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ସାତମାଣ ଅଂଚଳରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀଗୁଡିକୁ ପୋଲିସ ପକ୍ଷରୁ ନଷ୍ଟ କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି । ପ୍ରଥମେ ୧୫୧ ପେଟି ବିସ୍ଫୋରକ (ପାଓ୍ୱାର ଜେଲ)କୁ ନଷ୍ଟ କରାଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ ଗତ କିଛି ମାସ ତଳେ ଯାଜପୁର ଏସପି ରାହୁଲ ପିଆରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍କ୍ୱାଡ ଓ ଜେନାପୁର ପୋଲିସ ପକ୍ଷରୁ ମିଳିତ ଭାବେ ସାତମାଣସ୍ଥିତ ଏକ ବିସ୍ଫୋରକ ଗୋଦାମରେ ଚଢାଉ କରାଯାଇ ବ୍ୟାପକ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା । ଜବତ ବିସ୍ଫୋରକ ସାମଗ୍ରୀକୁ ନଷ୍ଟ କରିବା ପାଇଁ ଜେନାପୁର ଥାନା ଅଧିକାରୀ ଭୁବନେଶ୍ୱରସ୍ଥିତ ଡେପୁଟି କଂଟ୍ରୋଲର ଅଫ ଏକ୍ସପ୍ଲୋସିଭ୍‌କୁ ଚିଠି କରିଥିଲେ। ଚିଠି ପାଇବା ପରେ ଡେପୁଟି କଂଟ୍ରୋଲର ଅଫ ଏକ୍ସପ୍ଲୋସିଭ୍‌ର ଦୁଇଜଣିଆ ଟିମ ଘଟଣାସ୍ଥଳରେ ପହଂଚି ବିସ୍ଫୋରକ ସାମଗ୍ରୀକୁ ନଷ୍ଟ କରିବା ପ୍ରକ୍ରିୟା ଆରମ୍ଭ କରିଥିଲେ। ପରେ ଏହି ଜବତ ବିସ୍ଫୋରକ ସାମଗ୍ରୀଗୁଡିକୁ ନଷ୍ଟ କରାଯାଇଥିଲା ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ମୁକ୍ତେଶ୍ୱର ଓ ଅନନ୍ତ ଗୋପାଳ ପୀଠରେ ଗୀତା ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୁଆଗାଁ ମୁକ୍ତେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ଗୀତା ପାଠ ସହିତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଗୋଲକ ଚନ୍ଦ୍ର ପଲେଇ, ଇଶ୍ୱର ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ବେହେରା, ପରମାନନ୍ଦ



ପାତ୍ର ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଗୀତା ପାଠ କରିଥିଲେ । ଗୀତା ଏକ ଶ୍ରେଷ୍ଠ ଗ୍ରନ୍ଥ ହୋଇଥିବାରୁ ଏହା ମାନବ ଜୀବନ ପାଇଁ ଦୈନିକ ପଠନ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଲୋକ ଯୋଗଦେଇ ଗୀତାପାଠର ଉପକାରିତା ସମ୍ପର୍କରେ ଅବଗତ ହୋଇଥିଲେ । ସେହିପରି ଅରାବଳ ପଂଚାୟତରେ ଶ୍ରୀ ଅନନ୍ତ ଗୋପାଳ ଗୀତା ଭାଗବତ ଅନୁଷ୍ଠାନ ଆନୁକୁଲ୍ୟରେ ୨୫ତମ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତିବର୍ଷ ପରି ଗୀତା ଜୟନ୍ତୀ ଅବସରରେ ଗୀତା ପାଠ କରାଯିବା ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ । ଶେଷ ଦିବସରେ ପୂର୍ଣ୍ଣାହୂତି କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥାଏ ।




# ଗୀତାଭବନରେ ଆଧ୍ୟାତ୍ମିକ ସତ୍‌ସଂଗ

ଚଣ୍ଡିଖୋଲ, (ପିଏନ୍): ଉଦାସ ଆଶ୍ରମ, ସୋଲର ଛତିଆ ଆନୁକୂଲ୍ୟରେ ବ୍ରହ୍ମପୁର ଗୀତା ଭବନ ପ୍ରାଙ୍ଗଣରେ ଏକ ଆଧ୍ୟାତ୍ମିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଅନୁଗାମୀଙ୍କ ଗହଣରେ ନୟାଗଡ଼ ଶରଣକୁଳ, ଲଡୁବାବା, ଓଡ଼ଙ୍ଗା ରଘୁନାଥ ଏବଂ ଗଞ୍ଜାମର ତାରାତାରିଣୀ ପୀଠ ଭ୍ରମଣ କରିବା ସହିତ ସାନ ଖେମୁଣ୍ଡିବ୍ଲକର ପଳାସପୁର, ପାଟପୁରସ୍ଥିତ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ସତ୍‌ସଙ୍ଗ ଉତ୍ସବ ସମାପନ କରି ପରେ ଆଶ୍ରମର ପୀଠାଧିଶ ଗୁରୁଦେବ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ଦାସ ମହାରାଜ ଏହି ସତ୍‌ସଙ୍ଗ ଉତ୍ସବରେ ଆଶ୍ରୀବଚନ ପ୍ରଦାନ କରିଥିଲେ। ସାମ୍ପ୍ରତିକ ସମାଜରେ ଗୀତା ଓ ଭାଗବତର ସାରବସ୍ତୁ ଗ୍ରହଣ କରି ଏକ ସୁସ୍ଥ ସମାଜ ଗଠନ, ଜନମାନସରେ ଆଧ୍ୟାତ୍ମିକ ଚେତନାର ବିକାଶ ସହିତ ଆତ୍ମୀୟତାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ, ଧର୍ମୀୟ ଭାବନାର ବିକାଶ ତଥା ସମାଜସେବା କ୍ଷେତ୍ରରେ ଅବଦାନ ନିମନ୍ତେ ଉଦାସ ଆଶ୍ରମ ତରଫରୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହା ସହିତ କଳା, ସଂସ୍କୃତି ଓ ସଂଗୀତ ସାଧନା କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ସଂଗୀତ ଗୁରୁ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇତ୍ୟଅବସରରେ ବ୍ରହ୍ମପୁର ଅଂଚଳର ବହୁ ବଶିଷ୍ଟ ବ୍ୟକ୍ତି, ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିସିସି ମେୟର ସଂଘମିତ୍ରା ଦଳାଇ, ପ୍ରମୋଦ କୁମାର ପାଢ଼ୀ, ସନ୍ତୋଷ କୁମାର ପାଢ଼ୀ, ଉଦାସ ପନ୍ଥୀ ଭକ୍ତବୃନ୍ଦ ତଥା ବହୁ ଈଶ୍ୱରପ୍ରେମୀ ଭକ୍ତ ସମୂହ ଭାଗନେଇ ଏହି ମହାନ କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକୁ ଆଶ୍ରମର ପ୍ରମୁଖ ସେବକ ଦିବ୍ୟଲୋଚନ ଦାସ ଏବଂ ଗୀତା ଭବନର ସଭାପତି ପ୍ରମୋଦ କୁମାର ପଣ୍ଡା ଏବଂ ସମ୍ପାଦକ ସୀମାଂଚଳ ପଣ୍ଡା ଏବଂ କର୍ମକର୍ତ୍ତା ପରିଚାଳନା କରିଥିଲେ । ପରିଶେଷରେ ଉପସ୍ଥିତ ସମସ୍ତ ଭକ୍ତ ସମୂହଙ୍କ ନିମିଞ୍ଚ ଆଶ୍ରମ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ବୈଷୟିକ ଶିକ୍ଷା ତାଲିମ କର୍ମଶାଳା

କେନ୍ଦ୍ରାପଡ଼ା, ୨।୬: କେନ୍ଦ୍ରାପଡା ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ବୈଷୟିକ ଶିକ୍ଷା ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ସହର ସନ୍ନିକଟ ଠାକୁରହାଟସ୍ଥିତ ସୁଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶିବିରରେ ଡେରାବିଶ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ନିଯୋଜନ ଅଧିକାରୀ ଘନଶ୍ୟାମ ସା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କୁ ବୈଷୟିକ ଶିକ୍ଷାର ଗୁରୁତ୍ୱ ଏବଂ ସୁଦକ୍ଷ ଯୋଜନା ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ ।

# ଆଶାକର୍ମୀଙ୍କର ଉଚିତ ଦାବୀ ପାଇଁ ବିଶାଳ ସମାବେଶ

କେନ୍ଦ୍ରାପଡା, (ପି.ଏନ): ନିଖିଳ ଓଡିଶା ଆଶାକର୍ମୀ ସଂଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ତୁରନ୍ତ ଆଶାକର୍ମୀ ମାନଙ୍କୁ ମାସିକ ପାରିଶ୍ରମିକ ମାସର ପ୍ରଥମ ସପ୍ତାହରେ ପ୍ରଦାନ କରିବା, ବକେୟା ରାଶି ପରବର୍ତ୍ତୀ ମାସରେ ପ୍ରଦାନ, ଆଶାକର୍ମୀଙ୍କୁ ସରକାରୀ ଚାକିରୀର ମାନ୍ୟତା, ପେନସନ, ପଦୋନ୍ନତି, ମୃତ୍ୟୁକାଳୀନ ସହାୟତା ୨୫ ଲକ୍ଷ ପ୍ରଦାନ ଆଦି ୨୦ ଦଫା ଦାବି ନେଇ କେନ୍ଦ୍ରାପଡା ନୂଆ ବସଷ୍ଟାଣ୍ଡ ଠାରୁ ସାଥି ସରସ୍ୱତୀ ସ୍ୱାଇଁ, ସାଥି କବିତା ମନ୍ତ୍ରୀ, ସାଥି ଦମୟନ୍ତୀ କୁଣ୍ଡ, ସାଥି କବିତା ସାମଲ, ସାଥି ସୁଷମା ଆଚାର୍ଯ୍ୟ, ସାଥି ବନ୍ଦନା ମଲିକ, ସାଥି ମାନିନୀ ମଲ୍ଲିକ, ସାଥି ସସ୍ମିତା ବାରିକ, ସାଥି ପୁଷ୍ପଲତା ଦଣ୍ଡପାଟ, ସାଥି ସୁମିତ୍ରା ଜେନା,ସାଥି ମାନସୀ ପ୍ରଧାନ, ସାଥି ନିର୍ମଳା ସାହୁ, ସାଥି ରିନାରାଣୀ ଦାସ, ସାଥି ସୁଜଳା ସରକାରଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା କେନ୍ଦ୍ରାପଡା ସହରର ନୂଆ ବସଷ୍ଟାଣ୍ଡରୁ ବାହାରି ସହର ମଧ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚିଲା ପରେ ସେଠାରେ ଜିଲ୍ଲା ସଭାପତି ଆଡଭୋକେଟ ବିକାଶ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସେହି ସଭାରେ ଜିଲ୍ଲା ସାଧାରଣ ସଂପାଦିକା କାନ୍ତିପ୍ରଭା ନାୟକ, ଜିଲ୍ଲା ସଙ୍ଗଠନ ସଂପାଦିକା ଭଗବତୀ ନାୟକ, ଉପସଭାପତି ଭଜହରି ପ୍ରଧାନ, ସହ ସଂପାଦକ ଅକ୍ଷୟ ମଲ୍ଲିକ, ମାନିନୀ ବେହେରା, ଛବିନା ଶତପଥୀ, ସହ ସଂପାଦକ ଅଜୟ ସାମଲ, ମାର୍ଶାଘାଇ ସିଏଚସି ସଭାପତି ଦ୍ରୌପଦୀ ସ୍ୱାଇଁ, ନମିତା ସେଠୀ, ଇନ୍ଦୁପୁର ସିଏଚସିର ଜୟନ୍ତୀ, ପଟ୍ଟାମୁଣ୍ଡାଇ ସିଏଚସିର ମନୋରମା ନାଥ, ଜଳିରାଣୀ ଦାସ, ନୟନା ନନ୍ଦୀ, AITUC ନେତୃତ୍ୱ ସାଥୀ ରମଣୀ ରଞ୍ଜନ ରାଉତରାୟ, ନିରଞ୍ଜନ ଦାସ, ସୀତାକାନ୍ତ ନାୟକ, ସଞ୍ଜୟ ବସନ୍ତିଆ, ଆଦିକନ୍ଦ ରାଉଳ, ରାଜନଗର ସିଏଚସି ସଭାପତି କବିତା ରାଉତ, ମିନତୀ ସାମଲ, ମିନତୀ ପରିଡା, ଗାୟତ୍ରୀ, ଶାନ୍ତିଲତା ସାହୁ, ନିରୁପମା ଦାସ, ରାଜକନିକା ସଭାପତି ସୁକାନ୍ତି ବେହେରା, ଜୟନ୍ତୀ ସାମଲ, ରିତାଞ୍ଜଳି, ମହାକାଳପଡା ସଭାପତି ରଞ୍ଜୁ ବେହେରା, ସଂପାଦକ ରଶ୍ମିରେଖା ପରିଡା, ସବିତା , ପାଟକୁରା ସିଏଚସିର ସଭାପତି ଝରଣା ସ୍ୱାଇଁ, ଅମିତ ନାୟକ, ଜ୍ୟୋତି ସ୍ୱାଇଁ, ନନ୍ଦିନୀ ପ୍ରଭା କଣ୍ଠ, ସଂଯୁକ୍ତା, ଡେରାବିଶ ସିଏଚସିର ସଭାପତି ରିନାରାଣୀ ସାହୁ, କବିତା ମନ୍ତ୍ରୀ, ସ୍ୱର୍ଣ୍ଣଲତା ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି ଆଶାକର୍ମୀଙ୍କର ଉଚିତ ଦାବୀକୁ ସରକାର ଗ୍ରହଣ କରିବାକୁ ଦାବି ଉପସ୍ଥାପନା କରିଥିଲେ । ଜିଲ୍ଲାପାଳ ଦାବୀ ପତ୍ର ଗ୍ରହଣ କରିଥିଲେ । ସରକାର ଟାଳ ଟୁଳ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନଚ କରାଯିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା ।

# ଜିଲ୍ଲା ସ୍ତରୀୟ ମିଳିତ ଅମଲା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ସୁବର୍ଣ୍ଣପୁର, (ପି.ଏନ): ଆଜି ସକାଳ ୮ଟାରୁ ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଂଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅମଲା ମଂଚର ଅଧ୍ୟକ୍ଷ ଚିତରଞ୍ଜନ ତରସିଆଙ୍କ ନେତୃତ୍ୱରେ ଜିଲ୍ଲା ହେଡ଼ କ୍ୱାଟରର ୩୨ଟି ବିଭାଗର ୨୦୦ରୁ ଉର୍ଦ୍ଧ୍ୱ ଅମଲା ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି ଏବଂ ଅମଲା ମାନେ ଆଜିଠାରୁ ଜିଲ୍ଲା ସାରା ରାଜ୍ୟ ସାରା କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ସାମୁହିକ ଛୁଟି ନେଇଛନ୍ତି। ତେବେ ଅମଲା ମାନଙ୍କ ଯୋଗ୍ୟତା ତୁଳନାରେ ରାଜ୍ୟ ସରକାର ମାସିକ ଦରମା ପ୍ରଦାନ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ଗତ ୨୦୧୭ ମସିହାରେ ରାଜ୍ୟ ସରକାର କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଯୋଗ୍ୟତା ନିର୍ଦ୍ଧାରଣ କରିଛନ୍ତି । ଅନ୍ୟୁନ ସ୍ନାତକ ସହିତ କଂପ୍ୟୁଟର ଶିକ୍ଷାକୁ ଯୋଗ୍ୟତା ଭାବେ ଗ୍ରହଣ କରାଯାଇଛି। ତେବେ ଯୋଗ୍ୟତା ତୁଳନାରେ କନିଷ୍ଠ ସହାୟକମାନଙ୍କୁ ଦରମା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ବିଭିନ୍ନ ସମୟରେ ଅମଲା ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରାଯାଇଥିଲେ ହେଁ ରାଜ୍ୟ ସରକାର ନୀରବ ରହିଥିବା ଅଭିଯୋଗ ହୋଇଛି । ତେବେ କନିଷ୍ଠ ସହାୟକମାନଙ୍କୁ ୯,୩୦୦ରୁ ୩୪,୮୦୦ ଦରମା ହାର ପ୍ରଦାନ କରିବା ସହିତ ୪,୨୦୦ ଗ୍ରେଡ ପେ -ପ୍ରଦାନ କରିବା ପାଇଁ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅମଲା ସଂଘର ପୂର୍ବ ନିଷ୍ପତି କ୍ରମେ ଅମଲାମାନେ ମଇ ୨୨ ତାରିଖରୁ କଳାବ୍ୟାଚ ପରିଧାନ କରି ମଇ ଶେଷ ପର୍ଯ୍ୟନ୍ତ ନିଜ ନିଜ କାର୍ଯ୍ୟାଳୟରେ ନିଜ ଦାୟିତ୍ୱ ନିର୍ବାହ କରି ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିଲେ । ଦାବି ପୂରଣ ନ ହେଲେ ଜୁନ ୧ ତାରିଖରୁ ଅମଲାମାନେ ସମୂହ ଛୁଟିରେ ଯିବା ପାଇଁ ଚେତାବନୀ ଦେଇଥିଲେ । ରାଜ୍ୟ ମିଳିତ ଅମଲା ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବି ପୂରଣ ପାଇଁ ଏକ ଚରମ ପତ୍ର ବି ପ୍ରଦାନ କରାଯାଇଥିଲା । ଏବଂ ଜୁନ ୧ ସୁଦ୍ଧା ଦାବି ପୂରଣ କରିବାକୁ ଅନୁରୋଧ କରାଯାଇଥିଲା । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିତ ଅମଲା ସଂଘ ସହିତ କୌଣସି ଆଲୋଚନା କରାଯାଇ ନ ଥିବା ବେଳେ ରାଜ୍ୟ ସରକାର ଏଯାଏଁ ଅମଲା ସଂଘର ଦାବି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି । ତେବେ ଆଜିଠାରୁ ଅମଲାମାନେ ସାମୂହିକ ଛୁଟି ନେବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନ ହେବା ଯାଏଁ ଅମଲାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ସହିତ ନିଜ ନିଜ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ଧମକ ଦେଇଛନ୍ତି। ଅମଲା ମାନଙ୍କ ସାମୁହିକ ଛୁଟି ପାଇଁ ଆଜି ପ୍ରାୟ ୩୮ଟି ବିଭାଗର ସମସ୍ତ ସରକାରୀ କାର୍ଯ୍ୟାଳୟରେ କୌଣସି ସରକାରୀ କାର୍ଯ୍ୟ ହୋଇ ପାରୁନାହିଁ। ଜନସାଧାରଣ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳିଛି।

ସେପଟେ ଅମଲା ମାନେ ଦାବି ପୂରଣ ନ ହେଲେ ସାମୁହିକ ଛୁଟି ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସମସ୍ୟା ନେଇ ସିଡିଏମଓଙ୍କୁ ଘେରିଲେ ନାଗରିକ କମିଟି ସଦସ୍ୟ

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସମସ୍ୟା ନେଇ ସିଡିଏମଓଙ୍କୁ କାର୍ଯ୍ୟାଳୟରେ ଘେରିଲେ ଜିଲା ନାଗରିକ କମିଟି ।ଡାକ୍ତର ମାନେ ଗ୍ରାମାଂଚଳରେ ଥିବା ଭି୧ ,ଭି୨ ଓ ଭି୩ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିବା ପାଇଁ ସ୍ୱତନ୍ତ୍ର ଭତା ୩୦ରୁ ୪୦ହଜାର ପାଉଥିବା ବେଳେ ନବେ ପ୍ରତିଶତ ଡାକ୍ତର ନରହି ଉପରିସ୍ଥ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ହାତ କରି ନେଉଥିବା ଅଭିଯୋଗ କରାଯାଇଛି। ଜିଲାର ନବେ ଭାଗ ଗ୍ରାମାଂଚଳ ଡାକ୍ତରଖାନାରେ ଏଭଳି ସୁଚିନ୍ତିତ ଠକେଇ ଦୀର୍ଘ ବର୍ଷ ଧରି ଲାଗି ରହିଥିବାରୁ ଏହି ଠକେଇ ଅର୍ଥ ଆଦାୟ ପାଇଁ ଏକ ଜନସ୍ୱାର୍ଥ ମାମଲା ଆବଶ୍ୟକ। ଏହା ଏକ ସୁପରିକଳ୍ପିତ ଠକେଇ ।କନ୍ଧମାଳ ଜିଲ୍ଲାରେ ଗ୍ରାମାଂଚଳର ଜନସାଧାରଣଙ୍କୁ ଗୁଣାତ୍ମକ ସେବା ଯୋଗାଇ ଦେବା ନାମରେ ବ୍ୟାପକ ଅନିୟମିତତା ହେଉଛି ।ଏହା ବର୍ଷ ବର୍ଷ ଧରି ଚାଲିଆସିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ଦାବି କରାଯାଇଛି। ଦ୍ୱିତୀୟରେ ବାରିକୁମ୍ପା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତି ରବିବାର ବନ୍ଦ ରହିବା ସହ ଡାକ୍ତର ସେଠାରେ ରହନ୍ତି ନାହିଁ। ଦିନ ଦଶଟାରେ ଯାଇ ୧୨ଟାରେ ଫେରନ୍ତି ।ଉପରବେଳା ଚିକିତ୍ସା ନାହିଁ ।ତେବେ ଏହା କଣ କେନ୍ଦ୍ର ସରକାରଙ୍କ ପୁରସ୍କାର ଏନକ୍ୱାସ ମାନ୍ୟତା ପାଇବାର ମାପକାଠି ? ଏହି ଅନିୟମିତତା ପାଇଁ ଲୋକମାନଙ୍କୁ ପୋଲିସ ଜରିଆରେ ଧମକ ଦେଖାଉଥିବା ଜଣାଯାଏ ।ଜିଲା ମୁଖ୍ୟ ଚିକିତ୍ସାଳୟରେ ୪୦ଟି ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ଗ୍ରାମାଂଚଳରେ ଶତପ୍ରତିଶତ ଡାକ୍ତର କେଉଁ ଆଧାରରେ ନିଯୁକ୍ତି ହେଉଛନ୍ତି ।ଏହା ଠକିବା ପାଇଁ ନା ସ୍ୱାସ୍ଥ୍ୟ ସେବା ନାଁରେ ମାସରେ ପନ୍ଦର ଦିନ ଘରକୁ ଯିବା ପାଇଁ ? ଦୁଇବର୍ଷ ହେଲା ମେଡିସିନ ଆଉଟ ଡୋରକୁ ବିଶେଷଜ୍ଞ ଡାକ୍ତର ଯାଉନଥିବା, ସକାଳ ବେଳା ମାତ୍ର ୩-୪ଘଂଟା ଡାକ୍ତର ଆଉଟଡୋର ଆସୁଥିବା ଅଭିଯୋଗ ହୋଇଛି ।ଛୁଟିରେ ଥିବା ଡାକ୍ତରଙ୍କ ନାମ ଡ୍ୟୁଟି ଚାଟରେ ମାରି ରୋଗୀଙ୍କୁ ଭକୁଆ ବନାଉଥିବା ଦେଖାଯାଉଛି। ରେଗୁଲାର ମେଡ଼ିକାଲ ସୁପରିଟେଣ୍ଡେଣ୍ଟ ନଥିବାରୁ ଟିବି ବିଭାଗର ଜଣେ କର୍ମଚରୀ ଦୀର୍ଘ ବର୍ଷ ଧରି ସୁପର ସିଡିଏମଓ ଭାବେ ଡ଼ାକ୍ତରଙ୍କ ଡ୍ୟୁଟି ଚାଟରେ ଏପଟ ସେପଟ କରି ଭଲ ହାତ ସଫେଇ କରି ଜିଲାବାସୀଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଗ୍ରୀଷ୍ମ ଦିନେରୋଗୀଙ୍କ ଆଟେଣ୍ଡାଂଟମାନଙ୍କ ପାଇଁ ଫ୍ୟାନ ଓ ବସିବା ସୁବିଧା, ପ୍ରବେଶ ପଥ ଆଉଟଡୋରରେ ଦୁଇଟି ପାଇଖାନା ନିର୍ମାଣ, ନିରବଚ୍ଛିନ୍ନ ବିଦ୍ୟୁତ ଓ ଜଳ ଯୋଗାଣ, ଜନ ଔଷଧ ନିୟମିତ ଖୋଲିବା, ଶିଶୁ ବିଭାଗ ଓ ସ୍ତ୍ରୀ ପ୍ରସୂତୀ ବିଭାଗରେ ଅର୍ଥ କାରବାର, ୧୦୮ /୧୦୨ରେ ଭୟ ଦେଖାଇ ଅର୍ଥ ଆଦାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିମ୍ନ ମାନର ଡାଇଲୋସିସ ଓ ଅର୍ଥ କାରବାର, ନିମ୍ନ ମାନର ଖାଦ୍ୟ, ଚିକିତ୍ସକ ଓ ପାରା ମେଡ଼ିକାଲ ଷ୍ଟାଫଙ୍କ ବ୍ୟବହାର, ଗୁରୁତର ରୋଗୀକୁ ତୁରନ୍ତ ବିଶେଷଜ୍ଞଙ୍କ ଚିକିତ୍ସା ନେଇ ସିଡିଏମଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।ଡାକ୍ତରଙ୍କୁ ଦିତୀୟ ଭଗବାନ ଭାବେ ସମ୍ମାନ ଦିଆଯାଉଥିବା ବେଳେ ସେମାନଙ୍କ ଠକେଇ ମନୋଭାବ ଓ ଅସଦବ୍ୟବହାର ଆଶା କରଯାଏ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ୫ଟିର ଖୁଲମଖୁଲା ଉଲଂଘନ। କନ୍ଧମାଳ ଜିଲ୍ଲାର ୮୦ଭାଗ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ପ୍ରକାଶ୍ୟ ଦିବା ଲୋକରେ ଏକ ଠକେଇର ନମୁନା ମାତ୍ର। ଏହି ଅବସରରେ ଜିଲା ମିଳିତ ନାଗରିକ କମିଟି ପକ୍ଷରୁ ଆବାହକ ଅଶୋକ ପରିଡାଙ୍କ ସହ ସଭାପତି ଡ ଅରୁପ ଜେନା, ପ୍ରେସ କ୍ଲବ ସଭାପତି ସୁନିଲ ପଟ୍ଟନାୟକ, ରେଡକ୍ରସର ଜିଲା ପ୍ରତିନିଧି ତଥା ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ବେହେରା, ବରିଷ୍ଠ ନାଗରିକ ପ୍ରଣବ ମଣ୍ଡଳ ହେମନ୍ତ ମହାନ୍ତି, ଗିରିଷ ପଟନାୟକ, ଦିଗମ୍ବର ମହାପାତ୍ର, ଲଳିତ ମଲ୍ଲିକ, ସୁଧିର ମହାରଣାଙ୍କ ସହ ବାରିକୁମ୍ପା ୱାଡମେମ୍ବର ସୁବାସିନୀ ନାୟକ, ସଂନ୍ଧ୍ୟାରାଣୀ ଗଣ୍ଡା,ନଳିନୀ ସେଠୀ ପ୍ରମୁଖ ମହିଳା ପୁରୁଷ ଉପସ୍ଥିତ ରହି ଏହି ସମସ୍ୟାର ଆଶୁ ସମାଧାନ ଦାବି କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏହା ଉପରେ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସୂଚନା ଦେଇଛନ୍ତି।

# କନ୍ୟାଭ୍ରୁଣ ହତ୍ୟା ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ

ଝାରସୁଗୁଡ଼ା, (ପି.ଏନ): ଜିଲ୍ଲାରେ କନ୍ୟାଭ୍ରୁଣ ହତ୍ୟା ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ ବିଭାଗୀୟ ଅଧିକାରୀମାନଙ୍କୁ କନ୍ୟାଭ୍ରୁଣ ହତ୍ୟା ସମ୍ପର୍କିତ ସମସ୍ୟା ଅନୁଧ୍ୟାନ ପୂର୍ବକ ଆସନ୍ତା ଦଶ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ପୂର୍ବକ ଜିଲ୍ଲାପାଳ ସହରାଂଚଳମାନଙ୍କରେ କନ୍ୟାଭ୍ରୁଣ ହତ୍ୟା ସ୍ଥିତି ଗ୍ରାମାଂଚଳ ଅପେକ୍ଷା ଅଧିକ ହେଉଥିବାରୁ କାରଣ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ତୃଣମୂଳ ସ୍ତରରୁ ରିପୋର୍ଟ ସଂଗ୍ରହର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଏକ ସାମାଜିକ ସମସ୍ୟା , ଏଥି ସକାଶେ ସମସ୍ତଙ୍କୁ ସତର୍କ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ନିୟମିତ ଭାବେ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ପରିଦର୍ଶନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ କନ୍ୟାଭ୍ରୁଣ ହତ୍ୟା ନେଇ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ ବୋଲି ସତର୍କ କରାଇଛନ୍ତି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲ, ଡାକ୍ତର ସୁପ୍ରଭା ବାଗ୍ରିକେ, ଡି ପି ଏମ୍ ବୁଲୁନାଥ ସାହୁ, ସମସ୍ତ ସିଏଚସିଓ ପିଏଚସିର ମେଡ଼ିକାଲ ଅଫିସର, ସିଡିପିଓ , ଜିଲ୍ଲା ଉପଦେଷ୍ଟା କମିଟି କମିଟି ସଦସ୍ୟ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।





2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

